**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**10 September - 2024**

**News Editor : *Itishree Sing Rathaur***

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ ଗତକାଲି ପୁରୀ ନିକଟରେ ସ୍ଥଳଭାଗ ଅତିକ୍ରମ କରିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଗଭୀର ଅବପାତ ଦୁର୍ବଳ ହୋଇ ଛତିଶଗଡ଼ ଦେଇ ଗତି କରିବ । ଏହାର ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଜାରି ରହିଛି ।

ଆସନ୍ତା ୨୪ଘଣ୍ଟା ମଧ୍ୟରେ ଅତିପ୍ରବଳ ବର୍ଷା ହେବା ନେଇ ବରଗଡ଼, ନୂଆପଡ଼ା ଓ ଝାରସୁଗୁଡ଼ା ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସେହିପରି ବଲାଙ୍ଗୀର, ସୋନପୁର, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଗତକାଲି ମାଲକାନଗିରି ବ୍ଲକରେ ସର୍ବାଧିକ ୨୫୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।

ଲଗାଣ ବର୍ଷା ଯୋଗୁଁ ମାଲକାନଗିରି ଓ କୋରାପୁଟରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ବର୍ଷାରେ ମାଲକାନଗିରି ଓ କାଲିମେଳା ବ୍ଲକ ବିଶେଷ ଭାବେ ପ୍ରଭାବିତ ହୋଇଛି । ଜିଲ୍ଲାର ୮ଟି ସ୍ଥାନରେ

ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ସେହିଭଳି କୋରାପୁଟ ଜିଲ୍ଲାର ଜୟପୁର, ବୈପାରୀଗୁଡ଼ା, କୁନ୍ଦ୍ରା, ବୋରିଗୁମ୍ମା, ସେମିଳିଗୁଡ଼ା ବ୍ଲକ ପ୍ରଭାବିତ ହୋଇଥିବା ବେଳେ ୩୬ଟି ଗ୍ରାମ ବନ୍ୟା ଘେରରେ ରହିଛି । ପ୍ରଭାବିତ ଲୋକଙ୍କୁ ଆଶ୍ରୟସ୍ଥଳରେ ରଖାଯାଇଛି ।

ସମ୍ଭାବ୍ୟ ବନ୍ୟା ସ୍ଥିତିର ମୁକାବିଲା ପାଇଁ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ଓ ସ୍ୱତନ୍ତ୍ର ରିଲିଫ୍ କମିଶନର ଦେଓରଂଜନ କୁମାର ସିଂ ଜିଲ୍ଲାଓ୍ୱାରୀ ସମୀକ୍ଷା କରିଛନ୍ତି । ପ୍ରଭାବିତ ଅଞ୍ଚଳରେ ଓଡ୍ରାଫ୍ ଓ ଏନ୍‌ଡିଆରଏଫ୍ ଟିମକୁ ମୁତୟନ କରାଯାଇଛି । ବର୍ଷାକୁ ଦୃଷ୍ଟିରେ ରଖି ଆଜି ମାଲକାନଗିରି, କୋରାପୁଟ ଓ ଗଞ୍ଜାମ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଛୁଟି ଘୋଷଣା କରାଯାଇଛି ।

## ବ୍ୟୟ ମଂଜୁରୀ ବିଧେୟକ

ବିଧାନସଭାରେ ଆଜି ବଜେଟର ବ୍ୟୟ ମଂଜୁରୀ ବିଧେୟକ ଉପସ୍ଥାପନ ହେବ । ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବିଧେୟକ ଉପସ୍ଥାପନ କରିବେ । ଗୃହରେ ସମ୍ମତି ଲାଭ କରିବା ପରେ ଏହି ବିଧେୟକକୁ ଅନୁମୋଦନ ମିଳିବ । ଚଳିତ ଆର୍ଥିକବର୍ଷ ପାଇଁ ଗତ ଜୁଲାଇମାସ ୨୫ ତାରିଖରେ ମୋଟ୍ ୨ ଲକ୍ଷ ୬୫ ହଜାର କୋଟି ଟଙ୍କାର ବଜେଟ ଉପସ୍ଥାପିତ ହୋଇଥିଲା । ବ୍ୟୟ ମଂଜୁରୀ ବିଧେୟକ ବ୍ୟତୀତ ମୁଖ୍ୟମନ୍ତ୍ରୀ ଆଜି ଗୃହରେ କେତେକ ରିପୋର୍ଟ ମଧ୍ୟ ଉପସ୍ଥାପନ କରିବାର କାର୍ଯ୍ୟସୂଚୀ ରହିଛି ।

# ଅର୍ଥମନ୍ତ୍ରୀ-ଜିଏସ୍‌ଟି

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ରବ୍ୟ ଓ ସେବାକର-ଜିଏସିଟି ପରିଷଦର ୫୪ତମ ବୈଠକରେ କ୍ୟାନସର ଚିକିତ୍ସାରେ ବ୍ୟବହୃତ ଔଷଧ ଉପରେ ଲାଗୁଥିବା ଜିଏସଟିକୁ ୧୨ ପ୍ରତିଶତରୁ ହ୍ରାସ କରି ୫ ପ୍ରତିଶତ କରିବା ପାଇଁ ନିଷ୍ପତ୍ତି ହୋଇଛି । ସେହିଭଳି ଧାର୍ମିକ ଯାତ୍ରା ପାଇଁ ହେଲିକପ୍ଟର ସେବା ବ୍ୟବହାର ଲାଗି ୫ ପ୍ରତିଶତ ଜିଏସଟି ଦେବାକୁ ହେବ । ଲୁଣି ଜାତୀୟ ଖାଦ୍ୟଦ୍ରବ୍ୟ ଉପରେ ୧୨ ପ୍ରତିଶତ ଜିଏସଟି ଲାଗୁହେବ । ବୈଠକରେ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଖାଦ୍ୟକୁ ନେଇ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ତେବେ ସ୍ୱାସ୍ଥ୍ୟବୀମା ପ୍ରିମିୟମ୍ ଉପରେ ଜିଏସଟି ହ୍ରାସ ନେଇ ପରବର୍ତ୍ତୀ ବୈଠକରେ ନିଷ୍ପତ୍ତି ହେବ ବୋଲି ଜଣାପଡ଼ିଛି ।

---

# ମଙ୍କିପକ୍ସ

ଦେଶରେ ପ୍ରଥମ ମଙ୍କିପକ୍ସ ରୋଗୀ ଚିହ୍ନଟ ହେବା ପରେ କେନ୍ଦ୍ର ସରକାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ମାର୍ଗଦର୍ଶିକା ଜାରି କରିଛନ୍ତି । କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଅପୂର୍ବ ଚନ୍ଦ୍ର ଏ ନେଇ ପତ୍ର ଲେଖିଛନ୍ତି । ସବୁ ସନ୍ଦିଗ୍ଧ ଆକ୍ରାନ୍ତଙ୍କ ସ୍କ୍ରିନିଂ, ଟେଷ୍ଟିଂ ଓ କଣ୍ଟାକ୍ଟ ଟ୍ରେସିଂ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିଭଳି ରୋଗୀ ଓ ସନ୍ଦିଗ୍ଧଙ୍କୁ ସଙ୍ଗରୋଧରେ ରଖିବା ସହ ସେମାନଙ୍କ ଚିକିତ୍ସା ପାଇଁ ଉପଯୁକ୍ତ ଡାକ୍ତରଖାନାଗୁଡ଼ିକୁ ତାଲିକାଭୁକ୍ତ କରିବାକୁ ମାର୍ଗଦର୍ଶିକାରେ କୁହାଯାଇଛି । ମଙ୍କିପକ୍ସର ନିରାକରଣ ଲାଗି

ପ୍ରସ୍ତୁତି ଓ ମୁକାବିଲା ପାଇଁ ଜଣେ ବରିଷ୍ଠ ଅଧିକାରୀଙ୍କୁ ସମୀକ୍ଷା ଦାୟିତ୍ୱ ଦେବାକୁ କୁହାଯାଇଛି ।

## ବନ୍ଦେ ଭାରତ ଟ୍ରେନ୍

ରାଜ୍ୟରେ ଆସନ୍ତା ୧୫ ତାରିଖରୁ ଆଉ ୩ଟି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରିବ । ଗୋଟିଏ ଏକ୍ସପ୍ରେସ୍ ଟ୍ରେନ୍ ଟାଟାନଗରରୁ ବ୍ରହ୍ମପୁର ଚାଲିବାକୁ ଥିବା ବେଳେ ଏହାର ପରୀକ୍ଷାମୂଳକ ଚଳାଚଳ ଗତ ରବିବାର ଦିନ କରାଯାଇଛି । ସେହିପରି ଦ୍ୱିତୀୟ ବନ୍ଦେଭାରତ ଏକ୍ସପ୍ରେସ୍ ହାଓ୍ୱଡ଼ାରୁ ରାଉରକେଲା ଏବଂ ତୃତୀୟ ବନ୍ଦେଭାରତ ଟ୍ରେନ୍ ରାୟପୁରରୁ ବିଶାଖାପଟନମ୍ ପର୍ଯ୍ୟନ୍ତ ଚାଲିବ । ଏହି ୩ଟି ନୂତନ ଟ୍ରେନ୍‌କୁ ମିଶାଇ ରାଜ୍ୟରେ ବନ୍ଦେଭାରତ ଏକ୍ସପ୍ରେସ୍ ଟ୍ରେନ୍ ଯାତାୟାତ ସଂଖ୍ୟା ୬ରେ ପହଞ୍ଚିବ । ନୂତନ ବ୍ୟବସ୍ଥା ଫଳରେ ରାଜ୍ୟର ପରିବହନ ସେବା ତ୍ୱରାନ୍ୱିତ ହେବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି ।

## +୨ ପରୀକ୍ଷା ସ୍କ୍ୱାର୍ଡ

ରାଜ୍ୟରେ ଆଗାମୀ ଯୁକ୍ତ ଦୁଇ ପରୀକ୍ଷାରେ ସ୍ୱଚ୍ଛତା ଅବଲମ୍ବନ ପାଇଁ ନକଲ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରିବା ଲାଗି ଚର୍ତୁସ୍ତରୀୟ ସ୍କ୍ୱାର୍ଡ ବ୍ୟବସ୍ଥା ଗ୍ରହଣ କରାଯିବାକୁ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ପୂର୍ବରୁ ଏହି ପରୀକ୍ଷାରେ ତ୍ରିସ୍ତରୀୟ ସ୍କ୍ୱାର୍ଡ ବ୍ୟବସ୍ଥା କରାଯାଇଥିଲା । ଚଳିତବର୍ଷ ୧୩ଶହ କେନ୍ଦ୍ରରେ ଯୁକ୍ତ ଦୁଇ ପରୀକ୍ଷା ଅନୁଷ୍ଠିତ ହେବ ।

# ସିଟି ନାମଲେଖା

ରାଜ୍ୟରେ ଆସନ୍ତା ୧୨ ତାରିଖ ଗୁରୁବାରଠାରୁ ସି.ଟି.  ପ୍ରବେଶିକା ପରୀକ୍ଷା ଆରମ୍ଭ ହେବ ।  ପର୍ଯ୍ୟାୟକ୍ରମେ ଏହି ପରୀକ୍ଷା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଏ ନେଇ ଶିକ୍ଷକ, ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ପକ୍ଷରୁ ସାମ୍ସ ୱେବ୍‌ସାଇଟ୍‌ରେ ସୂଚନା ଦିଆଯାଇଛି । ପରୀକ୍ଷାର୍ଥୀମାନେ ନିଜର ପ୍ରବେଶପତ୍ର ୱେବ୍‌ସାଇଟରୁ ଡାଉନ୍‌ଲୋଡ କରିପାରିବେ ବୋଲି ପରିଷଦ ପକ୍ଷରୁ କୁହାଯାଇଛି ।